| **Headline:** NSE to organise 50 investor awareness programmes | |
| --- | --- |
| **Source:** Samaja | **Date:** 08 August 2015 |

# ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୫୦ ଏନଏସ୍ଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର: ଭାରତର ପ୍ରମୁଖ ଅଂଶଧନ ବଜାର ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ ୫୦ଟି ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଏହା ମାଧ୍ୟମରେ ଏନଏସ୍ଇ ସାଧାରଣ ଲୋକଙ୍କୁ ଷ୍ଟକ ବଜାର, ଫାଇନାନ୍ସିଆଲ ପ୍ଲାନିଂ, ନିରାପଦ ନିବେଶ ଭଳି ବିଷୟରେ ସଚେତନ କରାଇବା ସହିତ ଅଂଶଧନ ବଜାରରେ ନିବେଶ ପାଇଁ ପ୍ରୋତ୍ସାହିତ କରୁଛି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ରାଜ୍ୟର ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ନୟାଗଡ, ଢେଙ୍କାନାଳ, ଅନୁଗୁଳ ଆଦି ୯ଟି ଜିଲାରେ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିସାରିଛି। ଆଗାମୀ ଦିନରେ ଏହିଭଳି ଆଉ ୪୧ଟି କାର୍ଯ୍ୟକ୍ରମ ଆୟୋଜନ କରିବ ବୋଲି ଏନଏସଇ ଏମ୍ଡି ତଥା ସିଇଓ ଚିତ୍ର ରାମକ୍ରିଷ୍ଣା କହିଛନ୍ତି।